# <u>ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ,ଭଣ୍ଡାରିପୋଖରୀ</u>

**ବିଜ୍ଞାପନ ସଂଖ୍ୟା ନଂ-** ୮୪୧ **// ତାରିଖ-** ୨୩-୧୦-୨୫ //

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ,ଭଣ୍ଡାରିପୋଖରୀଙ୍କ ଅଧିନସ୍ଥ ଥିବା [illegible] ଅଙ୍ଗନବାଡି କର୍ମୀ ପଦବୀ ଖାଲି ରହିଅଛି । ତେଣୁ ଉକ୍ତ ପଦବୀ ପୁରଣ ନିମନ୍ତେ ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ର ପରିସର (ସର୍ଭିସ ଏରିଆ) ରୁ କେବଳ ମହିଳା ପ୍ରାର୍ଥିନୀ ମାନଙ୍କ ଠାରୁ ଅନଲାଇନ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ପ୍ରାର୍ଥିନୀ ମାନେ ଏହି website( URLhttp//engagement.awc.Odisha.gov.in)ରେ login କରି ଅବଶ୍ୟକୀୟ ପ୍ରମାଣପତ୍ର upload କରିବେ । ଦରଖାସ୍ତ ଗ୍ରହଣକରିବାର ଶେଷ ତା **୦୭-୧୧-୨୫** ରିଖ ଅପରାହ୍ନ **୦୫** ଘଟିକା ପର୍ଯ୍ୟନ୍ତ . ନିର୍ଦ୍ଧାରିତ ତାରିଖ ଓ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣକରାଯିବନାହିଁ । ଦରଖାସ୍ତରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ କିମ୍ବା ଯେ କୌଣସି ଦିଗରୁ ଅସମ୍ପୂର୍ଣ୍ଣ ତଥା ଅବଶ୍ୟକୀୟ ପ୍ରମାଣ ପତ୍ର ଅଭାବଜନିତ କାରଣରୁ ନାକଚ କରିଦିଆଯିବ ଏବଂ କୌଣସି କାରଣ ନଥାଇ ବିନା ନୋଟିସ ରେ ଉକ୍ତ ବିଜ୍ଞାପନକୁ ଯେକୌଣସି ମୁହୂର୍ତ୍ତରେ ସ୍ଥଗିତ କିମ୍ବା ବାତିଲ କରିଦିଆଯିବ । ଆବଶ୍ୟକ ହେଲେ ଶୁଦ୍ଧିପାତ୍ର (corrigendum) ପ୍ରକାଶ କରାଯିବା.

ଦରଖାସ୍ତ ସହିତ Upload କରିଥିବା ପ୍ରମାଣପତ୍ର ଗୁଡିକ ମୂଳ ପ୍ରମାଣପତ୍ର (ଅର୍ଜିନାଲ ସାର୍ଟିଫିକେଟ) ସହିତ ତା- **୧୦-୧୧-୨୫** ରିଖ ୧୧ ଘଟିକା ଠାରୁ **୦୫** ଘଟିକା ସମୟ ମଧରେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ରେ ଯାଞ୍ଚ କରାଯିବ । ଉକ୍ତଦିନ ନିଜେ ମୂଳ ପ୍ରମାଣପତ୍ର ସହ ଉପସ୍ଥିତ ରହି ଯାଞ୍ଚ କାର୍ଯ୍ୟରେ ସହାୟତା କରିବେ । ଯାଞ୍ଚ ଦିବସରେ ପାର୍ଥିନୀ ଉପସ୍ଥିତ ନରହିଲେ ତାଙ୍କ ଦରଖାସ୍ତ ନାକଚ କରିଦିଆଯିବ ।

## <u>ଅଙ୍ଗନବାଡିକେନ୍ଦ୍ରର ତାଲିକା</u>

| କ୍ରମିକ ସଂଖ୍ୟା | ଗ୍ରାମପଂଚାୟତର ନାମ | ଅଙ୍ଗନବାଡିକେନ୍ଦ୍ରର ନାମ | କେନ୍ଦ୍ରାଞ୍ଚଳ ପରିସରଭୁକ୍ତ |
|---|---|---|---|
| ୦୧ | ଜଳମଣ୍ଡୁଆ | ହରିପୁରବିନ୍ଧା | ହରିପୁରବିନ୍ଧା ଘର ନମ୍ବର- ୦୧ ମହେଶ୍ୱର ସାହୁ ଘର ଠାରୁ ସୁମନ୍ତ କୁମାର ଜେନା ଘର ନମ୍ବର- ୭୫. |

## <u>ଆବେଦନ ନିମନ୍ତେ ନିୟମାବଳୀ</u>

(୧) ପ୍ରାର୍ଥିନୀ ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ରାଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ଏବଂ ସ୍ଥାୟୀ ବାସିନ୍ଦାର ପ୍ରମାଣପତ୍ର ସମ୍ପୃକ୍ତ ତହସିଲଦାରଙ୍କ ଠାରୁ ଗ୍ରହଣକରି Upload କରିବେ ।

(୨) ପ୍ରାର୍ଥିନୀ ମାନଙ୍କର ବୟସ ତା **୦୧-୦୧-୨୫** ରିଖ ସୁଧା **୧୮** ବର୍ଷ ସମ୍ପୂର୍ଣ ଏବଂ **୩୫** ବର୍ଷ ରୁ ଅଧିକ ହୋଇନଥିବ ।

(୩) ପ୍ରାର୍ଥିନୀ ମାନଙ୍କର ଶିକ୍ଷାଗତ ଯୋଗ୍ୟତା ଦ୍ୱାଦଶ ପାସ ହୋଇଥିବା ଅବଶ୍ୟକ । ପ୍ରାର୍ଥିନୀ ମାନଙ୍କର ଯଦି ତାଉର୍ଦ୍ଧ ଶିକ୍ଷାଗତ ଯୋଗ୍ୟତା ଥାଏ, ତେବେ ତାର ପ୍ରମାଣପତ୍ର Upload କରିବେ ।

(୪) ଉକ୍ତ କେନ୍ଦ୍ରାଞ୍ଚଳର **୦୫** ବର୍ଷ ଅଭିଜ୍ଞତା ଥାଇ ସହାୟିକା ଏବଂ ଯଦି ତାଙ୍କର ଆବଶ୍ୟକୀୟ ଯୋଗ୍ୟତା ଥାଏ, ତେବେ ତାଙ୍କୁ ବିଚାରକୁ ନିଆଯାଇପାରେ, ସେ କ୍ଷେତ୍ରରେ ଅନ୍ୟମାନଙ୍କର ଦରଖାସ୍ତ ବିଚାରକୁ ନିଆଯାଇ ନ ପାରେ ।

(୫) ଯଦି ପ୍ରାର୍ଥିନୀ ଆଦିବାସି, ହରିଜନ, ବିଧବା, ସ୍ୱାମୀପରିତ୍ୟକ୍ତା, ଅନାଥ, ଭିନ୍ନକ୍ଷମ ଏବଂ ଦ୍ୱାଦଶ **(+୨)** ରୁ ଅଧିକ ଯୋଗ୍ୟତା ଥିଲେ , ଅଧିକ ମାର୍କ ପାଇବେ ।

(୬) ଯଦି କୌଣସି ପ୍ରାର୍ଥିନୀ ECCE କର୍ମୀ ଭାବରେ ପୂର୍ବରୁ କାମ କରିଥାନ୍ତି ତେବେ ତାର ପ୍ରମାଣପତ୍ର Upload କରିବେ ।

(୭) ଯଦି କୌଣସି ପ୍ରାର୍ଥିନୀ ପୂର୍ବରୁ ବାଲ ଡି ଭାବରେ କାମ କରିଥାନ୍ତି, ତେବେ ତାର ପ୍ରମାଣପତ୍ର Upload କରିବେ ।

(୮) ସରକାରଙ୍କର ନିୟମ ଅନୁସାରେ ଅଙ୍ଗନବାଡିକର୍ମୀ ମାସିକ **ଟ. ୧୦,୦୦୦ ଙ୍କା** (ଦଶ ହଜାର) ଟଙ୍କା ପାରିଶ୍ରମିକ ପାଇବେ ।

(୯) ଯଦି ଉକ୍ତ କେନ୍ଦ୍ରାଞ୍ଚଳ ରୁ ଉପଯୁକ୍ତ ପ୍ରାର୍ଥିନୀ ନମିଳନ୍ତି ତାହା ହେଲେ ସେହି ଗ୍ରାମର ଏବଂ ଗ୍ରାମରୁ ନ ମିଳିଲେ, ସେହି ପଞ୍ଚାୟତରୁ କର୍ମୀ ରୂପେ ଚୟନ କରାଯାଇ ପାରେ ।

(୧୦) କୌଣସି ପ୍ରାର୍ଥିନୀ ଡାକ ଦ୍ୱାରା କିମ୍ବା ସିଧାସଳଖ ଭାବେ ଆବେଦନପତ୍ର ନିମ୍ନ ସ୍ୱାକ୍ଷର କାରୀଙ୍କ କାର୍ଯ୍ୟାଳୟ ରେ ଦାଖଲ କରିପାରିବେ ନାହିଁ । ଯଦି କରନ୍ତି ତାଙ୍କର ଦରଖାସ୍ତ ନାକଚ କରିଦିଆଯିବ ।

(୧୧) ପାର୍ଥିନୀ ଆବେଦନ ପତ୍ର ସହ ସେହି କେନ୍ଦ୍ରାଞ୍ଚଳ ର ଅଧିବାସୀ ଅଟନ୍ତି ବୋଲି ଏକ ସତ୍ୟ ପାଠ ଦାଖଲ କରିବେ ।ଯଦି ଉକ୍ତ ସତ୍ୟ ପାଠ ଟି ଭୁଲ ପ୍ରମାଣିତ ହୁଏ, ତାହାହେଲେ କାର୍ଯ୍ୟରୁ ବହିଷ୍କାର ହେବା ସଙ୍ଗେ ସଙ୍ଗେ ତାଙ୍କ ବିରୁଦ୍ଧରେ ଆଇନି ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଦାୟିତ୍ୱରେ ଥିବା ଅଙ୍ଗନବାଡିକର୍ମୀଙ୍କ ଠାରୁ ଘର ନମ୍ବର ଆଣି ସତ୍ୟ ପାଠରେ ଦର୍ଶାଇବେ

(୧୨) ପାର୍ଥିନୀ ଭିନ୍ନକ୍ଷମ ହୋଇଥିଲେ, ଭିନ୍ନକ୍ଷମର ପ୍ରମାଣପତ୍ର Upload କରିବେ ।

(୧୩) ସରକାରୀ ନିୟମାବଳୀ ଅନୁସାରେ କୌଣସି ପାର୍ଥିନୀଙ୍କର ସ୍ଥାୟୀ ବାସିନ୍ଦା, ଜାତିଗତ, ଶିକ୍ଷାଗତ ପ୍ରମାଣପତ୍ର ସଂକ୍ରାନ୍ତ ରେ ଅଭିଯୋଗ ଥାଏ, ତାହା ହେଲେ ସେମାନେ ତା ରିଖ ସୁଧା ପୂର୍ବ ପ୍ରଦତ୍ତ website ରେ Upload କରିପାରିବେ । ନିମ୍ନ ସ୍ୱାକ୍ଷର କାରୀଙ୍କ କାର୍ଯ୍ୟାଳୟରେ କିମ୍ବା ଡାକ ଦ୍ୱାରା କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

<u>ଆବେଦନ ପତ୍ର ସହ ନିମ୍ନ ଲିଖିତ ପ୍ରମାଣପତ୍ର ଗୁଡିକ upload କରିବେ</u>

(୧) ଦ୍ୱାଦଶ (+୨) ବୋର୍ଡ଼ ସାର୍ଟିଫିକେଟ ଏବଂ ମାର୍କ ଲିଷ୍ଟ ର ଆଗ ଓ ପଛ ପଟ ଜେରକ୍ସ କପି ।

(୨) ଅଧିକ ଶିକ୍ଷାଗତା ଯୋଗ୍ୟତା ଥିଲେ ତାର ପ୍ରମାଣ ପତ୍ର ।

(୩) ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର (ସ୍ଥାନୀୟ ତହସିଲଦାରଙ୍କ ଠାରୁ) ।

(୪) ଜାତିଗତ ପ୍ରମାଣ ପତ୍ର (ସ୍ଥାନୀୟ ତହସିଲଦାରଙ୍କ ଠାରୁ) ।

(୫) ଅନାଥ ହୋଇଥିଲେ ତାର ପ୍ରମାଣ ପତ୍ର ।

(୬) ବିଧବା ହୋଇଥିଲେ ତାର ପ୍ରମାଣ ପତ୍ର ।

(୭) ସ୍ୱାମୀ ପରିତ୍ୟକ୍ତ ହୋଇଥିଲେ ତାର ପ୍ରମାଣପତ୍ର (କୋର୍ଟ ରୁ) ।

(୮) ECCE କର୍ମୀ ଭାବରେ କାମ କରୁଥିଲେ ତାର ପ୍ରମାଣପତ୍ର ।

(୯) ବାଲ ଡି କର୍ମୀ ଭାବରେ କାମ କରୁଥିଲେ ତାର ପ୍ରମାଣପତ୍ର ।

(୧୦) ଅଙ୍ଗନବାଡି ସହାୟିକା ଭାବରେ କାର୍ଯ୍ୟ କରୁଥିଲେ ତାର ପ୍ରମାଣପତ୍ର ।

(୧୧) ଅଙ୍ଗନବାଡି ଅନ୍ତର୍ଗତ ଏରିଆ ର ବାସିନ୍ଦା ଅନୁଯାୟୀ ସତ୍ୟ ପାଠ । ଦାୟିତ୍ୱରେ ଥିବା ଅଙ୍ଗନବାଡି କର୍ମୀ ଠାରୁ ସର୍ଭେ ଖାତାରୁ ଘର ନମ୍ବର ଆଣି ସତ୍ୟ ପାଠ ରେ ଦର୍ଶାଇବେ ।

(୧୨) ପାସ ପୋର୍ଟ ସାଇଜର ଫୋଟ (ଫର୍ମ ରେ) ।

(୧୩) ଶାରୀରିକ ଅକ୍ଷମ ମହିଳା ହୋଇଥିଲେ ତାର ପ୍ରମାଣ ପତ୍ର |

23-10-25

ଶିଶୁ ବିକାଶ ଯୋଜନା ଅଧିକାରିଣୀ,ଭଣ୍ଡାରିପୋଖରୀ
Child Development Project Officer
Bhandaripokhari

ପରିପତ୍ର ସଂଖ୍ୟା ନଂ - ୮୪୨ /ତା- ୨୩-୧୦-୨୫ //

ଏହାର ଏକକିତା ନକଲ P.C. cum – Deputy Secretary to Govt. W&CD Dep't. ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

୨୩-୧୦-୨୫

ଶିଶୁ ବିକାଶ ଯୋଜନା ଅଧିକାରିଣୀ,ଭଣ୍ଡାରିପୋଖରୀ
Child Development Project Officer
Bhandaripokhari

ପରିପତ୍ର ସଂଖ୍ୟା ନଂ - ୮୪୩ /ତା- ୨୩-୧୦-୨୫ //

ଏହାର ଏକକିତା ନକଲ ଜିଲ୍ଲାପାଳ ଭଦ୍ରକ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

୨୩-୧୦-୨୫

ଶିଶୁ ବିକାଶ ଯୋଜନା ଅଧିକାରିଣୀ,ଭଣ୍ଡାରିପୋଖରୀ
Child Development Project Officer
Bhandaripokhari

ପରିପତ୍ର ସଂଖ୍ୟା ନଂ - ୮୪୪(୨) /ତା- ୨୩-୧୦-୨୫ //

ଏହାର ଏକକିତା ନକଲ ଉପଜିଲ୍ଲାପାଳ ଭଦ୍ରକ/ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଭଦ୍ରକ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୨୩-୧୦-୨୫

ଶିଶୁ ବିକାଶ ଯୋଜନା ଅଧିକାରିଣୀ,ଭଣ୍ଡାରିପୋଖରୀ
Child Development Project Officer
Bhandaripokhari

ପରିପତ୍ର ସଂଖ୍ୟା ନଂ - ୮୪୫(୨) /ତା- ୨୩-୧୦-୨୫ //

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଭଣ୍ଡାରିପୋଖରୀ / ଚିକିତ୍ସା ଅଧିକାରୀ, ଭଣ୍ଡାରିପୋଖରୀ C.H.C ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୨୩-୧୦-୨୫

ଶିଶୁ ବିକାଶ ଯୋଜନା ଅଧିକାରିଣୀ,ଭଣ୍ଡାରିପୋଖରୀ
Child Development Project Officer
Bhandaripokhari

ପରିପତ୍ର ସଂଖ୍ୟା ନଂ - ୮୪୬ /ତା- ୨୩-୧୦-୨୫ //

ଏହାର ଏକକିତା ନକଲ ସରପଞ୍ଚ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ କାଯ୍ୟାଳୟରେ ନୋଟିସ ବୋର୍ଡ଼ ରେ ବହୁଳ ପଚାର ପାଇଁ ଲଗେଇବାକୁ ଅନୁରୋଧ କରାଗଲା ।

୨୩-୧୦-୨୫

ଶିଶୁ ବିକାଶ ଯୋଜନା ଅଧିକାରିଣୀ,ଭଣ୍ଡାରିପୋଖରୀ
Child Development Project Officer
Bhandaripokhari

ପରିପତ୍ର ସଂଖ୍ୟା ନଂ - ୮୪୭ /ତା- ୨୩-୧୦-୨୫ //

ଏହାର ଏକକିତା ନକଲ ସମ୍ପୃକ୍ତ ଅଙ୍ଗନବାଡି କର୍ମୀ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ସେମାନେ ଉକ୍ତ ଗ୍ରାମ ର ସମସ୍ତ ମହିଳା ମାନଙ୍କୁ ବୈଠକ ମାଧମରେ ଜଣାଇବା ସଙ୍ଗେ ସଙ୍ଗେ ଗ୍ରାମର ମୁଖ୍ୟ ଜନଗହଳି ସ୍ଥାନମାନଙ୍କରେ କାନ୍ଥ ରେ ଟଙ୍ଗେଇ ଦେବାପାଇଁ ନିର୍ଦ୍ଦେଶ ଦିଆଗଲା ଏବଂ ଏହାର ଏକକିତା ନକଲ ଗ୍ରାମବାସି ଙ୍କ ସ୍ୱାକ୍ଷର ସହ କାଯ୍ୟାଳୟ କୁ ଫେରସ୍ତ କରିବା ପାଇଁ ଜଣାଇ ଦିଆଗଲା ।

୨୩-୧୦-୨୫

ଶିଶୁ ବିକାଶ ଯୋଜନା ଅଧିକାରିଣୀ,ଭଣ୍ଡାରିପୋଖରୀ
Child Development Project Officer
Bhandaripokhari

ପରିପତ୍ର ସଂଖ୍ୟା ନଂ - ୮୪୮(୧) /ତା- ୨୩-୧୦-୨୫ //

ଏହାର ଏକକିତା ନକଲ କାର୍ଯ୍ୟାଳୟର ବିଜ୍ଞାପନ ଫଳକ /ପଂଚାୟତସମିତି, ଭଣ୍ଡାରିପୋଖରୀ ଙ୍କ ବିଜ୍ଞାପନ ଫଳକରେ ବହୁଳ ପ୍ରସାର ପାଇଁ ଲଗାଇ ଦିଆଗଲା ।

୨୩-୧୦-୨୫

ଶିଶୁ ବିକାଶ ଯୋଜନା ଅଧିକାରିଣୀ,ଭଣ୍ଡାରିପୋଖରୀ
Child Development Project Officer
Bhandaripokhari